# ଦୁର୍ନୀତି ନିବାରଣ - ଏକ ଅନୁଚିନ୍ତା

**ଶ୍ରୀ ରାଜେନ୍ଦ୍ର ନାରାୟଣ ଦାସ**
ପୂର୍ବତନ ଡ଼ାଇରେକ୍ଟର ତଥା ଡ଼ି.ଜି. ଓ ଆଇ.ଜି.,
ଭିଜିଲାନ୍ସ, ଓଡ଼ିଶା, କଟକ

ପରିଚାଳନା ଦକ୍ଷତା ଉପରେ ଦେଶର ବିକାଶ ନିର୍ଭର କରେ । ବ୍ୟକ୍ତି ବିଶେଷ ନିଜ ପ୍ରଚେଷ୍ଟାରେ ନିଜକୁ ଉନ୍ନତ କରେ । ସେ ଦିଗରେ ରାଷ୍ଟ୍ର ତାକୁ ସାହାଯ୍ୟ ଦିଏ ପ୍ରଶାସନ ମାଧ୍ୟମରେ । ପ୍ରଶାସନ ନିର୍ମଳ ହେଲେ ବ୍ୟକ୍ତିର ଉନ୍ନତି ହେଲେ ଦେଶର ଉନ୍ନତି ତଥା ବିକାଶ ସମ୍ଭବ ହୁଏ । ପ୍ରଶାସନ ଉତ୍କୋଚ ଲୋଭରେ କାର୍ଯ୍ୟ କଲେ ଏକକ ଭାବରେ ବ୍ୟକ୍ତିର ଏବଂ ସମୂହ ଭାବରେ ରାଷ୍ଟ୍ରର ବିକାଶ ବାଧାପ୍ରାପ୍ତ ହୁଏ ।

ନୈତିକ ଅଧୋଗତି ଏବଂ ମୂଲ୍ୟବୋଧର ଅବକ୍ଷୟ ହେତୁ ଲୋକେ ଆଜି ଅତି ସ୍ୱାର୍ଥପର ଏବଂ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛନ୍ତି । ଦୁର୍ନୀତି ଦାତା ଏବଂ ଗ୍ରହୀତା ଉଭୟଙ୍କର ସମ୍ମତି ଓ ସହଯୋଗରେ ହିଁ ହୋଇପାରେ । ନେବା ଲୋକର ଆଗ୍ରହ ତ ସ୍ୱାଭାବିକ । କିନ୍ତୁ ଦେବାକୁ, ମରିବାକୁ କେହି ସହଜରେ ଚାହେଁ ନାହିଁ । ଅବସ୍ଥା ଚକ୍ରରେ କାର୍ଯ୍ୟ ହାସଲ କରିବା ପାଇଁ ଅନେକ ସମୟରେ ଉତ୍କୋଚ ଦେବାକୁ ପଡ଼ିଥାଏ । କେତେ ଲୋକ ତାହା ସହଜରେ ଦେଇ ଦିଅନ୍ତି ଯେହେତୁ ଦେବାର କ୍ଷତି ତୁଳନାରେ ପାଇବାର ଲାଭ ଅନେକ ଅଧିକ । ସେମାନେ ସକ୍ଷମ ଏବଂ ଚତୁର । ଆଉ କେତେ ଲୋକ କଷ୍ଟରେ ଦେବାକୁ ବାଧ୍ୟ ହୋଇଥାନ୍ତି । ସେମାନେ ଦୁର୍ବଳ; ପ୍ରତିବାଦ ବା ପ୍ରତିରୋଧ କରିବା ଶକ୍ତି ତାଙ୍କଠାରେ ନାହିଁ ।

ଅନେକ ଦୁର୍ନୀତି ବିରୁଦ୍ଧରେ ଅନ୍ୟକୁ ଭାଷଣ ଦିଅନ୍ତି ଅଥଚ ନିଜ ବେଳକୁ ଦୁର୍ନୀତି ମାର୍ଗ ଧରି ନିଅନ୍ତି । ତା' ନହୋଇଥିଲେ ଏକକ ତଥା ସମଷ୍ଟିଗତ ଭାବରେ ତା'ର

ପ୍ରତିରୋଧ କରାଯାଇ ପାରୁଥାନ୍ତା । ଦୁର୍ନୀତିଗ୍ରସ୍ତ ବ୍ୟକ୍ତିକୁ ସାମାଜିକ ବାସନ୍ଦ କରାଯାଉଥାନ୍ତା । ସମାଜ ସାଧାରଣ ଅପରାଧିକୁ ନୀଚ ଚକ୍ଷୁରେ ଦେଖେ, କିନ୍ତୁ ଦୁର୍ନୀତିଗ୍ରସ୍ତ ବଳଶାଳୀ ଲୋକକୁ, ସ୍ୱାର୍ଥ ଆଶାରେ, ପ୍ରତିଷ୍ଠା ଦିଏ । ସାଧାରଣ ଲୋକ ଉଦାସୀନ । ସେମାନେ ଦରିଦ୍ର । ନିଜ ସଂସାର ଚଳାଇ ନେବାରେ ଏତେ ଅତିଷ୍ଠ ଯେ ପ୍ରତିବାଦ ବା ପ୍ରତିରୋଧ କରିବା ପାଇଁ ତାଙ୍କର ସମୟ ବା ଶକ୍ତି ନାହିଁ । ଯାହାର ତାହା ଅଛି ସେତ ସ୍ୱଇଚ୍ଛାରେ ଦୁର୍ନୀତିକୁ ପ୍ରଶୟ ଦେଉଛି । ପ୍ରତିଯୋଗିତାରେ ଅନୁଚିତ ଲାଭ ପାଇବା ପାଇଁ ସକ୍ଷମ ବ୍ୟକ୍ତି ନାନା ଅସାଧୁ ଉପାୟ ଗ୍ରହଣ କରୁଛି । ରାଜନେତା, ପ୍ରଶାସନ, ବ୍ୟବସାୟୀ ପରସ୍ପର ଫାଇଦା ପାଇଁ ଅସାଧୁ ମେଣ୍ଟ କରୁଛନ୍ତି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ସ୍ୱୀକାର କରିଥିଲେ ଯେ ସରକାରୀ ଅନୁଦାନର ମାତ୍ର ପନ୍ଦର ପ୍ରତିଶତ ହିତାଧିକାରୀ ପାଖରେ ପହଞ୍ଚି ପାରୁଛି । ଅର୍ଥାତ୍ ପଞ୍ଚାଅଶୀ ପ୍ରତିଶତ ଅନୁଦାନ ରାଶି ବାଟମାରଣା ହୋଇଯାଉଛି । ଏଥିରୁ ଦୁର୍ନୀତିର ସାଂପ୍ରତିକ ସ୍ଥିତି ବିଷୟ ଅନୁମାନ କରିହେବ ।

ଇଚ୍ଛାକୃତ ଭାବେ ହେଉ କିମ୍ବା ଦାୟରେ ପଡ଼ି ହେଉ ଜନ ସହଯୋଗ ପାଇବା ହେତୁ ଦୁର୍ନୀତି କ୍ରମେ କ୍ରମେ କାୟା ବିସ୍ତାର କରି ଚାଲିଛି । ଠିକ୍ ସେହି ଭାବରେ ଦୁର୍ନୀତି ପ୍ରତିରୋଧ କରିବାରେ ଜନସହଯୋଗ ମିଳିଲେ ଦୁର୍ନୀତି କ୍ରମେ କ୍ରମେ କମିଯାଇ ପାରିବ । କୌଣସି ସ୍ତରରୁ ପ୍ରତିବାଦ ବା ପ୍ରତିରୋଧ ନହେବା ଫଳରେ ଦୁର୍ନୀତିର ସ୍ରୋତ ପ୍ରଖରରୁ ପ୍ରଖରତର ହୋଇ ଚାଲିଛି । ପ୍ରଶ୍ନ ମନକୁ ଆସେ ଯେ ଉପର ସ୍ତରର ପ୍ରଭାବଶାଳୀ ଲୋକ ଅସାଧୁ ମେଣ୍ଟ କରି ଦୁର୍ନୀତି କଲେ ତାକୁ ତଳ ସ୍ତରରେ ଦୁର୍ବଳ ଲୋକ କିପରି ପ୍ରତିରୋଧ କରି ପାରିବେ । ଏ କଥା ମଧ୍ୟ ସତ୍ୟ ଯେ ପ୍ରତିରୋଧ ଯେତେ ସାମାନ୍ୟ ଏବଂ ଦୁର୍ବଳ ହେଲେ ମଧ୍ୟ କିଛି ମାତ୍ରାରେ ତ ଗତିରୋଧ କରିବ । "ରାଇ ସାଉଁଟୁ ସାଉଁଟୁ ବେଲ" ପରି ଛୋଟ ଛୋଟ ପ୍ରତିରୋଧ ସମଷ୍ଟିଗତ ଭାବେ ଅତି ବଡ଼

ପ୍ରତିରୋଧ ଛିଡ଼ା କରାଇ ଦେଇ ପାରିବେ । କିନ୍ତୁ ଲୋକେ ଏକ ପ୍ରକାର ଗ୍ରହଣ କରି ନେଇ ସାରିଲେଣି ଯେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ଲାଞ୍ଚ ଦେବାଟା ଏକ ବିଧି ଏବଂ ତାହା ପାଳନ ନ କଲେ କୌଣସି କାମ ହୋଇ ପାରିବ ନାହିଁ । ଅପରପକ୍ଷ ଭାବି ବସିଲାଣି ହାତଗୁଞ୍ଜାଟା ତା'ର ଏକ ମୌଳିକ ଅଧିକାର । ଲାଭ ହେଉଥିଲେ ଲୋଭ ହେଉଥାଏ ନ୍ୟାୟରେ ଲାଞ୍ଚ ପରିମାଣ କ୍ରମେ କ୍ରମେ ବଢ଼ି ବଢ଼ି ଚାଲିଛି, ନିମ୍ନ ସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ।

ଏହାର ପ୍ରତିରୋଧ କରି ହୁଅନ୍ତା ଯଦି କ୍ଷମତାରେ ଥିବା ବ୍ୟକ୍ତି ଲାଞ୍ଚ ଦାବୀ ନକରନ୍ତେ, ପ୍ରଲୋଭନର ବଶ ନହୁଅନ୍ତେ । ସମର୍ଥ ବ୍ୟକ୍ତି ତାଙ୍କୁ ପ୍ରଲୋଭିତ ନକରନ୍ତା ଏବଂ ଦୁର୍ବଳ ବ୍ୟକ୍ତି ନିଜକୁ କଷ୍ଟ ହେଲେ ମଧ୍ୟ ପ୍ରତିରୋଧ କରନ୍ତା । ସବୁ କ୍ଷେତ୍ରରେ ଅବହେଳା, ଦାୟିତ୍ୱହୀନତା, ଉଦାସୀନତା, ପ୍ରିୟାପ୍ରୀତି ତୋଷଣ, ମିଥ୍ୟା ରିପୋର୍ଟ, ଶଠତା, ଜାଲିଆତି ଏବଂ ସର୍ବୋପରି ଉତ୍ତରଦାୟିତ୍ୱର ଅଙ୍କୁଶ ନରହିବା ଇତ୍ୟାଦି କେବଳ ଗୋଟିଏ ପକ୍ଷ ଦ୍ୱାରା ନୁହେଁ, ଅନ୍ୟମାନଙ୍କର ସହଯୋଗରେ ହିଁ ସମ୍ଭବ ହୋଇପାରୁଛି । ସୁଖର କଥା ଅତିଷ୍ଠ ଜନତା ସଙ୍ଘବଦ୍ଧ ହୋଇ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେଣି । ଅତୀତରେ ପ୍ରକାଶିତ ଏକ ସମ୍ବାଦରୁ ଜଣାଯାଏ, ଅତ୍ୟନ୍ତ ସାଧାରଣ ଲୋକଙ୍କ ଉଦ୍ୟମରେ କୋମନା ବ୍ଲକରେ କେତେକ ଅଧିକାରୀ ନେଇଥିବା ବେଆଇନ କମିଶନ୍ ଟଙ୍କା ଉଦ୍ଧାର କରାଯାଇ ପାରିଛି । ଏହି ଭଳି ଅନେକ ଘଟଣା ଶୁଭ ସୂଚନା ଦିଏ । ଏ ଦିଗରେ ଗଣମାଧ୍ୟମର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଏ କଥା ମଧ୍ୟ ସତ୍ୟଯେ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତି, ପୃଷ୍ଠପୋଷକତା ଏବଂ ସୁରକ୍ଷା ନପାଇଲେ କୌଣସି ପ୍ରଚେଷ୍ଟା ଫଳପ୍ରଦ ହେବନାହିଁ । ସେ ସୁରକ୍ଷା ଉପଲବ୍ଧି ନିମନ୍ତେ ନୀତିବାନ ବ୍ୟକ୍ତି ନିର୍ବାଚିତ ହୋଇ ସରକାର ଗଢ଼ିବା ଆବଶ୍ୟକ ।

ଅଧୁନା ସାସଂଦ ଏବଂ ବିଧାୟକମାନଙ୍କ ମଧ୍ୟରେ ଅନେକ ଗୁରୁତର ଅପରାଧ ମାମଲାରେ ଜଡ଼ିତ ଅଛନ୍ତି ବୋଲି କୁହାଯାଏ । ତାଙ୍କ ସପକ୍ଷରେ ଯୁକ୍ତି ହୁଏ ଯେ ପର୍ଯ୍ୟନ୍ତ ଅନ୍ତିମ ଅଦାଲତ ଦ୍ୱାରା ଦୋଷ ସାବ୍ୟସ୍ତ ନହୋଇଛି ସେ ପର୍ଯ୍ୟନ୍ତ ସେମାନେ ସାଧୁ, ଅପରାଧୀ ନୁହନ୍ତି । ଆଇନ ଆଖିରେ ତାହା ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଦେଶର ମଙ୍ଗଳକଳ୍ପେ କଳଙ୍କ ସନ୍ଦେହ ମୁକ୍ତ ବ୍ୟକ୍ତି ଶାସନ ଦାୟିତ୍ୱରେ ରହିବା ଆବଶ୍ୟକ । ତଳ ଅଦାଲତରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ଯାଇ, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ସେତେବେଳକୁ ଅନେକ କାଳ ବିତି ଯାଇଥିବ ଏବଂ ଲୋକ ପ୍ରତିନିଧି ତାଙ୍କ କାର୍ଯ୍ୟକାଳ ସମାପ୍ତ କରି ସାରିଥିବେ । ଫଳରେ ଜଣେ କଳଂକିତ ବ୍ୟକ୍ତି ଶାସନ ଦାୟିତ୍ୱରେ ରହିବା ଦ୍ୱାରା ଦେଶ ଅପୂରଣୀୟ କ୍ଷତି ସହିବାକୁ ବାଧ୍ୟ ହୋଇ ସାରିଥିବ । ନ୍ୟାୟ ବିଚାରରେ କୌଣସି ମୂଲ୍ୟ ରହିବ ନାହିଁ । ସେଥିପାଇଁ କଳଂକ-ସନ୍ଦେହ-ମୁକ୍ତ ବ୍ୟକ୍ତି ନିର୍ବାଚିତ ହେବା ଏବଂ ନିର୍ବାଚିତ ପରେ ମଧ୍ୟ ସନ୍ଦେହ ଘେରକୁ ଆସିଯିବା ମାତ୍ରେ ତାଙ୍କୁ ଦାୟିତ୍ୱମୁକ୍ତ କରିଦେବା ଆବଶ୍ୟକ ।

କିନ୍ତୁ ପ୍ରଚଳିତ ନିର୍ବାଚନ ପ୍ରଣାଳୀ ଏଭଳି ଯେ ସେଥିରେ କେବଳ ଗୋଟିଏ ବର୍ଗର, ଅର୍ଥାତ୍ ବିଶେଷ ଧନବଳ, ବାହୁବଳ, ଜନବଳ ଆଦିଥିବା ବ୍ୟକ୍ତି ଭାଗନେଇ ପାରିବେ, ସେମାନେ ସନ୍ଦେହମୁକ୍ତ ହୁଅନ୍ତୁ ବା ନହୁଅନ୍ତୁ । ଯେତେ ଆଦର୍ଶ ଚରିତ୍ରବାନ ହେଲେ ମଧ୍ୟ ଉକ୍ତ ବର୍ଗ ବହର୍ଭୁତ ବ୍ୟକ୍ତି ନିର୍ବାଚନରେ ପ୍ରାର୍ଥୀ ହୋଇ ପାରିବ ନାହିଁ । ଫଳରେ ଉପରୋକ୍ତ ବର୍ଗରୁ ଜଣକୁ ଭୋଟ ଦେବା ପାଇଁ ଭୋଟର ବାଧ୍ୟ । ଏହି ଭଳି ଛୋଟ ବଡ଼ କେତେକ ସମସ୍ୟାକୁ ଆଖିରେ ରଖି ଲୋକ ପ୍ରତିନିଧି ଆଇନର ସଂଶୋଧନ କରିବା ବିଧେୟ । କିନ୍ତୁ ତାହା କେତେ ଦୂର ସମ୍ଭବ ହେବ କହି ହେବନାହିଁ । ଯଦିଓ ଜନତା, ଭୋଟଦାତା, ନେତା, ସମସ୍ତେ ଭାରତର ନାଗରିକ ଏବଂ ଦେଶର ମଙ୍ଗଳବିଧାନରେ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି । ନିକଟ ଅତୀତରେ,

ରାଜନୀତିରେ ଅପରାଧିମାନଙ୍କ ଅନୁପ୍ରବେଶ ରୋକିବା ନିମନ୍ତେ, ଭୋଟ ଦାତାର ତଥ୍ୟ ଜାଣିବାର ଅଧିକାରକୁ ସମ୍ମାନ ଦେଇ, ଭାରତର ନିର୍ବାଚନ ଆୟୋଗ ଆଦେଶ ଦେଲେ ଯେ ଭୋଟଦାତାର ଅବଗତି ପାଇଁ ପ୍ରାର୍ଥୀ ନିଜର ଭଲ ମନ୍ଦ ସବୁ ବିଷୟ ସତ୍ୟପାଠ କରିଆରେ ଜଣାଇବ । ଲକ୍ଷ କରିବା କଥା, ପ୍ରାର୍ଥୀ ଯାହାକି ସ୍ୱୀକାର କଲେ ମଧ୍ୟ ତାଙ୍କ ପ୍ରାର୍ଥୀପତ୍ର ନାକଚ ହେବନାହିଁ । ସତ୍ୟପାଠ ନକଲେ ନାକଚ ହେବ । ଏହା ଏକ ଉତ୍ତମ ଏବଂ ସୁସ୍ଥ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଭାରତର ସବୁ ରାଜନୈତିକ ଦଳ ଛାନିଆ ହୋଇ ଏକ ସ୍ୱରରେ ତା'ର ପ୍ରତିବାଦ କଲେ । ଅହୀନକୁଳ ସଂପର୍କଥିବା ଦଳମାନେ ମଧ୍ୟ ଅପରାଧୀମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ବିନା ଦ୍ୱିଧାରେ ଏକାଠି ହୋଇଗଲେ । ଏ ଭଳି ପରିସ୍ଥିତିରେ ଦୁର୍ନୀତି ବିରୁଦ୍ଧରେ ଜନପ୍ରତିରୋଧ କେତେ ଦୂର ରାଜନୈତିକ ପୃଷ୍ଠପୋଷକତା ପାଇ ପାରିବ କହି ହେବନାହିଁ ।

ଦୁର୍ନୀତିର ସମୂଳ ବିନାଶ ସମ୍ଭବ ନହେଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଏବଂ ଅକୁଣ୍ଠ ଜନ ସହଯୋଗ ବଳରେ ତା'ର ସନ୍ତୋଷଜନକ ନିୟନ୍ତ୍ରଣ ସମ୍ଭବ । ଆଇନଗତ କାର୍ଯ୍ୟାନୁଷ୍ଠାନ ଦାୟିତ୍ୱରେ ଥିବା ଦୁର୍ନୀତି ନିବାରଣ ବିଭାଗକୁ ଖବର ଯୋଗାଇବା, ସାକ୍ଷ ପ୍ରମାଣ ଦେବା, ତଦନ୍ତରେ ସାହାଯ୍ୟ ରକିବା ଆଦିରେ ଜନ ସହଯୋଗ ଏକାନ୍ତ ଆବଶ୍ୟକ । ବସ୍ତୁତଃ ପ୍ରାୟ ପ୍ରତିଦିନ ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ଦୁର୍ନୀତି ନିବାରଣ ବିଭାଗର ସଫଳତାରେ ଯେ ଜନସାଧାରଣଙ୍କର ପ୍ରଚ୍ଛନ୍ନ ସହଯୋଗ ନାହିଁ ତାହା ନୁହେଁ । ଏହି ବିଭାଗର ଗୁରୁଦାୟିତ୍ୱ ଦୃଷ୍ଟିରୁ ସଂସ୍କାର କେତେକ ଜରୁରୀ ଅଭାବ ଅସୁବିଧା ଦୂର କରିବାକୁ ହେବ । ସେ ଭିତରୁ (sanction) ନାମକ ପ୍ରତିବନ୍ଧକ ଏକ ଅସୁବିଧା । ସରକାରୀ କର୍ମଚାରୀଙ୍କୁ ମିଥ୍ୟା ମାମଲା ବିରୋଧରେ ସୁରକ୍ଷା ଦେବା ନିମନ୍ତେ ତଦନ୍ତର ଆରମ୍ଭ ଠାରୁ ବିଭିନ୍ନ ସୋପାନରେ ନିୟନ୍ତ୍ରଣ ମାନ ରହିଛି । ତଦନ୍ତ ସମାପ୍ତିପରେ ଜଣେ ସୁଦକ୍ଷ ଆଇନ ପରାମର୍ଶଦାତାଙ୍କ ମତ ଅନୁସାରେ

(Charge sheet) ଦାଖଲ କରାଯାଏ । ଏତେ ସବୁ ସତର୍କତା ଅବଲମ୍ବନ କଲାପରେ ପୁଣି (sanction) ନାମକ ପ୍ରତିବନ୍ଧକ ରହିବା ଅନାବଶ୍ୟକ । ନିରପେକ୍ଷତା କାହାରି ଏକଚାଟିଆ ଅଧିକାର ନୁହେଁ । (Sanctioning Authority) ଙ୍କ ପରି ତଦନ୍ତକାରୀ ଅଧିକାରୀ ମଧ୍ୟ ନିରପେକ୍ଷ ନହେବାର କୌଣସି କାରଣ ନାହିଁ । ଉପଯୁକ୍ତ ତଥା ନିରପେକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଗଠିତ ଦୁର୍ନୀତି ନିବାରଣ ବିଭାଗ ଉପରେ ଯଥାର୍ଥ ଆସ୍ଥା ସ୍ଥାପନ କରି ସରକାର (sanction) ନାମକ ପ୍ରତିବନ୍ଧକଟିକୁ ଉଠାଇ ଦେବା ଉଚିତ ।

ସାଧରଣରେ ଏକ ଲୋକସେବକ ସମାଲୋଚନା ହୁଏ ଯେ ଦୁର୍ନୀତି ନିବାରଣ ବିଭାଗ ବଡ଼ ପ୍ରଭାବଶାଳୀ ଲୋକଙ୍କ ଦୁର୍ନୀତିକୁ ଅଣଦେଖା କରି ସାନ ସାନଙ୍କୁ ଧରୁଛି । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ହୁଏତ ଏଭଳି ତାରତମ୍ୟ ମନକୁ ଆସିବ । କିନ୍ତୁ ସେମାନଙ୍କ ସଂଖ୍ୟାର ଆପେକ୍ଷିକତା ବିଚାର କରି ଦେଖିଲେ ପ୍ରତିଶତ ହିସାବରେ ବଡ଼ ଦୁର୍ନୀତି ମାମଲାର ସଂଖ୍ୟା କିଛି କମ୍ ନୁହେଁ । ଆହୁରି ମଧ୍ୟ ସାନ ସାନ ଦୁର୍ନୀତି ଧରିବା କିଛି କମ୍ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ବଡ଼ ବଡ଼ ଦୁର୍ନୀତିରେ ଦାତା ଗ୍ରହୀତା ମାତ୍ର ଦୁଇ ଜଣ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ପରିଶେଷରେ ଦେଶ ତଥା ପରୋକ୍ଷ ଭାବରେ ସାଧାରଣ ଜନତା କ୍ଷତିଗ୍ରସ୍ତ ହୁଅନ୍ତି । କିନ୍ତୁ ସାନ ସାନ ଦୁର୍ନୀତି ପ୍ରତ୍ୟେକ୍ଷଭାବେ ଅନେକ ଗରିବ, ଅପାରଗ ଲୋକଙ୍କୁ କଷଣ ଦେଇଥାଏ । ଧନୀ ଲୋକେ ପାଞ୍ଚ ହଜାର ଟଙ୍କା ଫିଙ୍ଗିଦେଲେ ତାକୁ ହୁଏତ ବାଧିବ ନାହିଁ । କିନ୍ତୁ ଜଣେ ନିର୍ଦ୍ଧନ ପାଞ୍ଚ ଟଙ୍କା ହରାଇଲେ ତାକୁ ବାଧିବ । ଥାନାରେ ଏତାଲା ନରଖିବା, ଅମୀନ ଜମି ମାପିବାକୁ ନଯିବା, ଗଲେ ମଧ୍ୟ ଠିକ୍ ରିପୋର୍ଟ ନଦେବା, ପିଲାଙ୍କ ମଧ୍ୟାହ୍ନ ଭୋଜନ ଆତ୍ମସାତ୍ କରିବା, ବନ୍ୟା, ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଦୁଃସ୍ଥ ଲୋକଙ୍କର ରିଲିଫ ଟଙ୍କାରୁ ପାଉଣା କାଟି ରଖିବା ଆଦି ଦୁର୍ନୀତି ନଗଣ୍ୟ ମନେ ହେଲେ ମଧ୍ୟ ତାହା ଦ୍ୱାରା କଷ୍ଟ ଭୋଗୁଥିବା ଲୋକଙ୍କ ସଂଖ୍ୟା

ଅତ୍ୟଧିକ । ନୈତିକତା ଦୃଷ୍ଟିରୁ ସେଭଳି ସାନ ସାନ ଦୁର୍ନୀତି ନିବାରଣକୁ ଅଗ୍ରାଧିକାର ଦେବା ଅଯଥାର୍ଥ ନୁହେଁ । ହାତଗୁଞ୍ଜା ଅର୍ଥର ପରିଣାମ ଦୃଷ୍ଟିରୁ ଦେଖିଲେ ମଧ୍ୟ, ରାଇ ସାଉଁଟୁ ସାଉଁଟୁ ବେଲ ନ୍ୟାୟରେ ମାସିକ ରୋଜଗାର କିଛି କମ୍ ନୁହେଁ । ତାହା ନ ହୋଇଥିଲେ ଚେକ୍‌ଗେଟ୍ ରେ ଥିବା କର୍ମଚାରୀ ତଥା ଅନ୍ୟ ତଳିଆ କର୍ମଚାରୀ ବିପୁଳ ଆୟ ବହିର୍ଭୁତ ସମ୍ପତ୍ତିର ମାଲିକ ହୁଅନ୍ତେ କିପରି ? ସେ କ୍ଷେତ୍ରରେ ସାନ ସାନ ମନେହେଉଥିବା ଦୁର୍ନୀତିଗ୍ରସ୍ତଙ୍କୁ ଧରି ଦଣ୍ଡିତ କରାଇବାକୁ ପ୍ରକୃତ ମାନବସେବା କୁହାଯିବା ଉଚିତ ।

ସାରା ଦେଶରେ ସପ୍ତାହବ୍ୟାପି ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା ପାଳିତ ହୋଇ ପ୍ରତି ବର୍ଷ ନାନା ଉପାଦେୟ ପ୍ରସ୍ତାବମାନ ଦିଆଯାଉଛି । ସେ ସବୁକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କଲେ ଅବଶ୍ୟ ସୁଫଳ ମିଳିବ ।

ଆଇନଗତ ଦଣ୍ଡ ବିଧାନ ବ୍ୟବସ୍ଥା ଠାରୁ ପ୍ରତିଷେଧକ ବ୍ୟବସ୍ଥା ଅଧିକ ଗୁରୁତ୍ୱପୂର୍ଣ୍ଣ । ଧରା ପଡ଼ିଯିବାର ଭୟ, ବ୍ୟକ୍ତିକୁ ଅପରାଧ କରିବାରୁ ନିବର୍ତ୍ତାଇ ଥାଏ । ଆମ ସମାଜରେ ଦଶ ଭାଗ ଲୋକ ଅଛନ୍ତି ଯେଉଁମାନେ କୌଣସି ପରିସ୍ଥିତିରେ ଦୁର୍ନୀତିଗ୍ରସ୍ତ ହେବେନାହିଁ । ଆଉ ଦଶ ଭାଗ ଯେତେ ପ୍ରତିବନ୍ଧକ, ବିପଦ ଥିଲେ ମଧ୍ୟ ନିଶ୍ଚୟ ଦୁର୍ନୀତି କରିବେ । ଅବଶିଷ୍ଟ ଅଶୀଭାଗ ଲୋକ ମୂଳତଃ ନିର୍ମଳ ଚରିତ୍ରଯୁକ୍ତ ହେଲେ ମଧ୍ୟ ନିରାପଦ ମନେକଲେ ଅପରାଧ କରିଦେଇ ପାରନ୍ତି । ଏହି ଅଶୀଭାଗ ଲୋକଙ୍କ ମନରେ ଧରା ପଡ଼ିଯିବାର ଭୟ ଉଦ୍ରେକ କରିଦେଇ ପାରିଲେ ସର୍ବମୋଟ ନବେ ଭାଗ ଲୋକ ଦୁର୍ନୀତିମୁକ୍ତ ହୋଇଯିବେ । ସେ ନିମନ୍ତେ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ହେବ । ଏ ଦିଗରେ ବିଭାଗୀୟ କର୍ମଚାରୀଙ୍କ ଅତିରିକ୍ତ ସାଧାରଣ ଜନତା, ମିଡ଼ିଆ ମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ନିମ୍ନଲିଖିତ କେତୋଟି ପଦକ୍ଷେପ ଇପ୍ସିତ ଫଳ ପ୍ରଦାନ କରିପାରେ ।

୧. ନାଗରିକ ସଚେତନତା

୨. ପ୍ରଶାସନର ସ୍ୱଚ୍ଛତା

୩. ନାଗରିକଙ୍କୁ ତଥ୍ୟ ଜାଣିବାର ଅଧିକାରରୁ ବଞ୍ଚିତ ନକରିବା

୪. କ୍ଷମତା ପ୍ରୟୋଗ କରୁଥିବା ବ୍ୟକ୍ତି ତା'ର ପ୍ରତ୍ୟେକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବା

୫. ନିର୍ଦ୍ଧାରିତ କର୍ମପ୍ରଣାଳୀକୁ କଡ଼ାକଡ଼ିଭାବେ ପାଳନ କରିବା

୬. ଦୁର୍ନୀତିଗ୍ରସ୍ତ ବ୍ୟକ୍ତିକୁ ସାମାଜିକ ବାସନ୍ଦ କରିବା । ସେ ଦିଗରେ ଗଣମାଧ୍ୟମର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ତ୍ୱରିତ ଫଳ ପ୍ରଦାନକାରୀ ।

୭. ସର୍ବୋପରି ସଂସ୍ଥାମାନଙ୍କୁ ନିର୍ମଳ ରଖିବାର ଦାୟିତ୍ୱ ସଂପୂର୍ଣ୍ଣଭାବେ ବିଭାଗୀୟ ମୁଖ୍ୟଙ୍କ ଉପରେ ନ୍ୟସ୍ତ କରିବା ।

ପରିତାପର ବିଷୟ ଏହି ଯେ ଆମ ଦେଶର ଭୋଟ ରାଜନୀତିରେ ଶାସନ ନିୟନ୍ତ୍ରଣ ରାଜନେତାଙ୍କ ହାତରୁ ଦଳୀୟ ପାଣ୍ଠିକୁ ଅର୍ଥ ଯୋଗାଉଥିବା ଉଦ୍ୟୋଗପତିଙ୍କ ହାତକୁ ଚାଲିଯାଇଛି । ସେମାନେ ପରୋକ୍ଷଭାବରେ କିଏ ମନ୍ତ୍ରୀ ହେବ, କେଉଁ ବିଭାଗ ଦାୟିତ୍ୱରେ ରହିବ ତାହା ନିର୍ଣ୍ଣୟ କରୁଛନ୍ତି । ନୀରା ରାଡ଼ିଆ ଉପାଖ୍ୟାନ ତାର ଏକ ସଦ୍ୟତମ ଉଦାହରଣ (ସମାଜ ୫.୧.୧୧) ।

ଜଣେ ପୂର୍ବତନ ଆଇନ ମନ୍ତ୍ରୀ ଖୋଲାଖୋଲି ଭାବେ ଅଭିଯୋଗ କରିଛନ୍ତି ଯେ ସୁପ୍ରିମ କୋର୍ଟରେ ଏଯାବତ୍ ରହି ଆସିଥିବା ଷୋହଳଜଣ ନ୍ୟାୟଧୀଶଙ୍କ ମଧ୍ୟରୁ ଆଠଜଣ ଦୁର୍ନୀତିଗ୍ରସ୍ତ ।(ସମାଜ ୨୨.୧୨.୧୦).

ଗଣତନ୍ତ୍ରର ଜାଗ୍ରତ ପ୍ରହରୀ, ଚତୁର୍ଥ ସ୍ତମ୍ଭ ବିବେଚିତ ହେଉଥିବା ଗଣମାଧ୍ୟମମାନେ ସଚେତନ ଥିବା ଭଳି ମନେ ହୁଏ ନାହିଁ । ଅସାମାଜିକ, ଅନୈତିକ କାର୍ଯ୍ୟମାନ ବହୁଳଭାବେ ପ୍ରକାଶିତ/ପ୍ରସାରିତ ହେବା ଦ୍ୱାରା ସମାଜର ଅସାଧୁ ଲୋକମାନେ ପରୋକ୍ଷରେ ପ୍ରୋତ୍ସାହିତ ହୋଇ ସାଧୁ ଲୋକମାନେ ନିରୁତ୍ସାହିତ ହେଉଛନ୍ତି । ସାମୟିକ ବ୍ୟକ୍ତିଗତ ଲାଭ ଆଶାରେ ଅପୂଜ୍ୟର ପୂଜା ଏବଂ ପ୍ରକୃତ ପୂଜ୍ୟ ବ୍ୟକ୍ତିର ଅବହେଳା ହେବାର ଅନ୍ତିମ ପରିଣତି ଭୟାବହ ହେବା ଅବଧାରିତ ଅଟେ ।

ଏହିଭଳି ଅନେକ ପ୍ରତିକୂଳ କାରଣ ହେତୁ ଦୁର୍ନୀତି ଦ୍ରୁମ ଏବେ ମହାଦ୍ରୁମରେ ପରିଣତ ହେଲାଣି । ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀମାନେ ନିଷ୍ଠାର ସହିତ ଅକ୍ଳାନ୍ତ ପରିଶ୍ରମ କରି ଦୁର୍ନୀତିଗ୍ରସ୍ତ ଅପରାଧୀର ସନ୍ଧାନ, ମାମଲାର ତଦନ୍ତ, ସୁଦକ୍ଷ ଆଇନଜ୍ଞଙ୍କ ଅନୁଧ୍ୟାନ ଇତ୍ୟାଦି ପରେ ଅଦାଲତରେ ଅଭିଯୋଗପତ୍ର ଦାଖଲ କଲେ ମଧ୍ୟ ଯଦି ଅଭିଯୁକ୍ତ ଅନାୟାସରେ ଜାମିନ ପାଇଯାଏ ତେବେ ସେ ଅଧିକ ନିର୍ଭୟ ହୋଇ କାର୍ଯ୍ୟ କରି ପାରେ ଏବଂ ସେଥି ସହିତ ଦୁର୍ନୀତି ନିବାରଣ ବିଭାଗର ସମସ୍ତ ପରିଶ୍ରମ ଏକ ପ୍ରକାର ପଣ୍ଡ ହୋଇଯାଏ । ଅଭିଯୁକ୍ତ ବ୍ୟକ୍ତି ମାମଲା ବିଚାରକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଡ଼ାଇ ନେବାପାଇଁ ଏବଂ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ପାଇଁ ସୁବିଧା ପାଇଯାଏ । ଫଳରେ ଦଣ୍ଡବିଧାନ କରିବା ଅଦାଲତଙ୍କ ପକ୍ଷରେ ସମ୍ଭବ ହୁଏନାହିଁ ।

ତଥାପି ଏ ଦୁନିଆରେ ସବୁ ଲୋକ ମନ୍ଦ ନୁହନ୍ତି । ଅନେକ ଭଲ ଲୋକ ଅଛନ୍ତି । ଏ କଥା ଅବଶ୍ୟ ସତ୍ୟ ଯେ କତିପୟ ଦୁର୍ଦ୍ଦାନ୍ତ ଲୋକ, ବାହୁବଳ, ଧନବଳ, ଚକ୍ରାନ୍ତକାରୀ ମନ୍ଦବୁଦ୍ଧି ବଳରେ ବିପୁଳ ଜନତାକୁ କାବୁ କରିନେଇ ପାରନ୍ତି । କିନ୍ତୁ ସବୁ ରାତ୍ରିର ପ୍ରଭାତ ଥାଏ । ମହାଦୁର୍ନୀତିର ଦୂରାରୋଗ୍ୟ ବ୍ୟାଧିରୁ ଦେଶକୁ ରକ୍ଷା କରିବା ନିମନ୍ତେ ଉପଯୁକ୍ତ ମହୌଷଧି ବାହାରି ପାରିବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ, ଆବାଳବୃଦ୍ଧବନୀତାଙ୍କୁ କେବଳ ମାତ୍ର ଚିନ୍ତା ନୁହେଁ, ରିତିମତ ଯୁଦ୍ଧ ଘୋଷଣା କରିବାକୁ

ହେବ । ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼କ୍ଟର ଏ.ପି.ଜେ. ଅବଦୁଲ କାଲାମ ଯଥାର୍ଥରେ କହିଛନ୍ତି ଦୁର୍ନୀତି ବିରୁଦ୍ଧରେ ପ୍ରତି ଘରୁ ହିଁ ଆନ୍ଦୋଳନ ଆରମ୍ଭ ହେଉ ।

ସେ ଦୃଷ୍ଟିରୁ ଜନସାଧାରଣ, ପ୍ରଶାସନ, ବିଧି ବିଭାଗ, ନ୍ୟାୟ ବିଭାଗ, ଗଣ ମାଧ୍ୟମ ସମସ୍ତଙ୍କ ଉପରେ ଗୁରୁ ଦାୟିତ୍ୱ ରହିଛି । ଅନେକ ପଦକ୍ଷେପ ମଧ୍ୟରୁ ମାତ୍ର କେତୋଟି ଏଠାରେ ଉଲ୍ଲେଖ କରାଯାଇପାରେ ।

୧. ଦୁର୍ନୀତି ନିବାରଣ ବିଭାଗକୁ ନିର୍ମଳ, ସୁଦୃଢ଼ ଏବଂ ସରକାରୀ ପ୍ରଭାବମୁକ୍ତ କରାଯାଉ ।

୨. ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିବା ପର୍ଯ୍ୟନ୍ତ ଅନାବଶ୍ୟକ ଅଙ୍କୁଶ ରଖା ନଯାଉ ।

୩. ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସଂପୃକ୍ତ ବିଭାଗମାନେ ସହଯୋଗ କରିବାକୁ ବାଧ୍ୟ ହୁଅନ୍ତୁ ।

୪. ଜବତ୍ ହୋଇଥିବା ଆୟ ବର୍ହିଭୁତ ସମ୍ପତ୍ତିକୁ ୩୦ ପ୍ରତିଶତ ବାଦ ଦେଇ ଅବଶିଷ୍ଟ ସମ୍ପତ୍ତି ଅଦାଲତଙ୍କ ଅଧିନରେ ରହୁ ।

୫. ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବିହାରରେ ଦୁର୍ନୀତି ଉପାୟରେ ତିଆରି କରାଯାଇଥିବା ଏକ ବହୁତଳ ସୌଧକୁ ଯେପରି ସରକାରର ଜବତ କରିବାସହ ସାଙ୍ଗେ ସାଙ୍ଗେ ତାକୁ ଏକ ସ୍କୁଲରେ ପରିଣତ କରିଦେଲେ (ସମାଜ: ୨୨.୧୨.୧୦) ସେଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅନେକ ପ୍ରଭାବ ପକାଇବ ।

୬. ଅଦାଲତରେ ବିଚାର ଶେଷ ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଜାମିନ ଦିଆ ନଯିବା ନିମନ୍ତେ କଠୋର ଆଇନ ପ୍ରଣୀତ ହୋଇ କଡ଼ା କଡ଼ି ଭାବେ ପାଳିତ ହେଉ ।

୭. ଅଯଥା ମହଲତ ନଦେଇ ଦୁର୍ନୀତି ମାମଲାମାନଙ୍କର ତୁରନ୍ତ ବିଚାର ସମାପ୍ତ କରାଯାଉ ।

୮. (Competent Authority) (କମ୍ପିଟେଣ୍ଟ ଅଥରିଟି)ଙ୍କ ସମ୍ମତିକ୍ରମେ ଦୁର୍ନୀତି ତଦନ୍ତ ହୋଇ ମାମଲା ରଜୁ ହୋଇଥାଏ । ଯଥେଷ୍ଟ ପ୍ରମାଣ ମିଳିଲାପରେ ସେହିପରି କମ୍ପିଟେଣ୍ଟ ଅଥରିଟିଙ୍କ ସମ୍ମତିକ୍ରମେ ଅଦାଲତରେ ଅଭିଯୋଗ ପତ୍ର

ଦାଖଲ ହୁଏ । ପ୍ରତ୍ୟେକ ସ୍ତରରେ ଅପରାଧର ସତ୍ୟାସତ୍ୟ ତନ୍ନତନ୍ନ କରି ବିଭିନ୍ନ ଅଧିକାରୀମାନଙ୍କ ଦ୍ୱାରା ପରୀକ୍ଷିତ ହୁଏ । ଏତେ ପ୍ରକାର ନିରାପତ୍ତାମୂଳକ ବ୍ୟବସ୍ଥା ଥିବା ଦୃଷ୍ଟିରୁ, ଅନ୍ୟ କେତେ ପ୍ରକାର ଅଭିଯୋଗରେ ଅଦାଲତ Cr.P.C. Section 498 A ଅନୁସାରେ ଅଭିଯୋଗ ସତ୍ୟ ବୋଲି (Shall Presume) ଗ୍ରହଣ କରିନେଲା ପରି, ଦୁର୍ନୀତି ମାମଲା କ୍ଷେତ୍ରରେ ମଧ୍ୟ ତାହା କରି ସିଧା ସଳଖ ଅଭିଯୁକ୍ତଙ୍କୁ ତାଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗମାନଙ୍କୁ ଖଣ୍ଡନ କରିବାର ସୁଯୋଗ ଦିଆଯାଉ ।

୯. ଅଭିଯୋଗ ପ୍ରମାଣିତ ହେଲେ ଅଦାଲତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଅନ୍ତୁ । ଚୀନରେ ଦୁର୍ନୀତିଗ୍ରସ୍ତଙ୍କୁ ମୃତ୍ୟୁ ଦଣ୍ଡ ଦେବାର ଆଇନ ରହିଛି (ସମାଜ: ୨୭.୧୧.୧୦) । ଭାରତରେ ଅନ୍ତତଃ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହୁ ।

ବିଗତ ୫୫ ବର୍ଷ ଧରି ଦୁର୍ନୀତି ନିବାରଣ ବିଭାଗର ସାନଠାରୁ ବଡ଼ ସମସ୍ତ କର୍ମଚାରୀମାନଙ୍କର ଅବିଚ୍ଛିନ୍ନ ନିଷ୍ଠାପର ପ୍ରଚେଷ୍ଟା ଫଳରେ ଆଜି ଓଡ଼ିଶାର ଦୁର୍ନୀତି ନିବାରଣ ବିଭାଗ 'ଜିରୋ' ପ୍ରାୟ ସ୍ଥିତିରୁ 'ହିରୋ' ସ୍ଥିତିକୁ ଉନ୍ନିତ ହୋଇ ସର୍ବଭାରତୀୟ ସ୍ତରରେ ଏକ ପ୍ରମୁଖ ସଫଳ ସଂସ୍ଥାର ସମ୍ମାନ ଲାଭ କରିପାରିଛି । ଆଶା କରାଯାଏ ସୁଦକ୍ଷ ନିର୍ଦ୍ଦେଶକମାନଙ୍କ ଦିଗ୍‌ଦର୍ଶନ ଅଭିନବ ତଦନ୍ତ କୌଶଳ ଏବଂ ସର୍ବୋପରି ଅନ୍ୟମାନଙ୍କ ସକ୍ରିୟ ସହଯୋଗ ବଳରେ ଆଜିର ଲଗାମଛଡ଼ା ଦୁର୍ନୀତି ନିଶ୍ଚିତଭାବେ ସୁନିୟନ୍ତ୍ରିତ ହୋଇଯାଇ ପାରିବ ।

***